ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସଂଗ୍ରାମ



@ ଆଶିଷ



@ ସତ୍ୟନାରାୟଣ



@ ବିଭୂତିଭୂଷଣ



@ ଦେବାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୫୪ ଅଭିଯୋଗ

**ଆଠଗଡ଼,୨୬।୨(ସତ୍ୟ ପ୍ରସାଦ ରଥ)**

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ୫୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୪୯ ଓ ୬ଟି ସାମୂହିକ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗରେ ରାଶନ କାର୍ଡ, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ସମ୍ପର୍କିତ ଅଭିଯୋଗ ହୋଇଥିଲା। ୧୩ଟି ଅଭିଯୋଗର ତତ୍କାଳୀନ ଫଇସଲା ହୋଇଛି। ଏହି ଅବସରରେ ଛଅଗାଁ ପଞ୍ଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମର କବିତା ନାୟକ ଓ କଣ୍ଡରେଇ ପଞ୍ଚାୟତ ଅନ୍ତର୍ଗତ ମହାଲକ୍ଷ୍ମୀପୁର ଗ୍ରାମର ନିର୍ମଳା ଖଟୁଆଙ୍କୁ ଚିକିତ୍ସା ଓ ସାଇକେଲ କିଣିବା ପାଇଁ ୫ହଜାର ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦିଆଯାଇଥିଲା। ଏନ୍‌ଏସି ଅନ୍ତର୍ଗତ କିଶୋରପୁର ଗ୍ରାମର ଭକ୍ତବନ୍ଧୁ ମହାରଣାଙ୍କୁ ତିନିଚକିଆ ସାଇକେଲ ଓ ୫ହଜାର ଟଙ୍କା ସହାୟତା ଦିଆଯାଇଥିଲା। ଶିବିରରେ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସଚନ୍ଦ୍ର ରାୟ, ଉପଜିଲାପାଳ ପ୍ରଶାନ୍ତ ତରାଇ, ବିଡିଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଣିଆବନ୍ଧକୁ ଏନ୍‌ଏସି ଘୋଷଣା କରିବାକୁ ଦାବି

**ମାଣିଆବନ୍ଧ,୨୬।୨(ଅଖିଳ କୁମାର ସାହୁ)**

ରାଜ୍ୟ ସରକାର ନୂତନ ଭାବେ ୩୫ ଏନ୍‌ଏସି(ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କରିଥିବାବେଳେ ସେଥିରୁ ମାଣିଆବନ୍ଧ ବାଦ୍‌ପଡିଛି। ଏନେଇ ମାଣିଆବନ୍ଧ ବିକାଶ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିବାକୁ କମିଟି ପକ୍ଷରୁ ସୋମବାର ଏକ ବୈଠକ ଆୟୋଜନ କରାଯାଇଥିଲା। ୨୦୧୧ ଜନଗଣନା ଅନୁସାରେ ମାଣିଆବନ୍ଧ, ମହୁଲିଆ ଓ ସନ୍ତରାବାଳୀ ଗ୍ରାମ ପଞ୍ଚାୟତର ମୋଟ ଜନସଂଖ୍ୟା ୧୧,୩୫୪ ଥିବାବେଳେ ବ୍ଲକସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଗୋଟିଏ ଜାତୀୟକରଣ ବ୍ୟାଙ୍କ, ଗୋଟିଏ ଜିଲାସ୍ତରୀୟ ସମବାୟ ବ୍ୟାଙ୍କ, ୨୦ରୁ ଉର୍ଦ୍ଧ୍ୱ ପ୍ରାଥମିକ କୃଷି ଓ ହସ୍ତତନ୍ତ ସମବାୟ ସମିତି ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାକୁ ଗବେଷଣା ନିମନ୍ତେ ବହୁ ପର୍ଯ୍ୟଟକ ଓ ଶିକ୍ଷାର୍ଥୀ ପ୍ରତିବର୍ଷ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମାଣିଆବନ୍ଧକୁ ଏନ୍‌ଏସି ଭାବେ ଘୋଷଣା କରିବାକୁ ଦୀର୍ଘ ୧୨ ବର୍ଷ ହେବ ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ଫୋରମରେ ଦାବି କରିଆସୁଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେଇନାହାନ୍ତି। ଖୁବଶୀଘ୍ର ମାଣିଆବନ୍ଧକୁ ଏନ୍‌ଏସି ଘୋଷଣା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବାନପ୍ରସ୍ଥି ଆଦିକନ୍ଦ ଆର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମାଣିଆବନ୍ଧ ପାଞ୍ଚଶହ ଘର ସଭାପତି ପୀତବାସ ସାହୁ, ଗ୍ରାମ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ମହକର ସମ୍ପାଦକ ଅରକ୍ଷିତ ସ୍ୱାଇଁ, ମହୁଲିଆ ପୂର୍ବତନ ସରପଞ୍ଚ ଦେବାଶିଷ ଜେନା, ବୁଦ୍ଧସଂଘର ସହ ସମ୍ପାଦକ ଲକ୍ଷ୍ମୀଧର ପାତ୍ର, ନାରାୟଣ ପତି, ଦାଶରଥି ସାହୁ ପ୍ରମୁଖ ଯୋଗଦେଇଥିଲେ।

# ୨ ଗୋଷ୍ଠୀ କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଚୌଦ୍ୱାର,୨୬।୨(ଆଶୁତୋଷ ଦାସ):**

ଚୌଦ୍ୱାର ପୌର ପାଳିକାରେ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ଗୋଷ୍ଠୀ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ପୌରପାଳିକାର ୧୦ନଂ. ୱାର୍ଡ ବାଟବୁଢୀ କଲୋନୀରେ ୨ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଏବଂ ୬ ନଂ. ୱାର୍ଡ଼ ମୁଣ୍ଡମାଳଠାରେ ୧ କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ବିଧାୟ ବିଶ୍ୱାଳ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ବିଜୟ ମଲ୍ଲିକ, ଦିଲୀପ ସାହୁ, କଲ୍ୟାଣୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

DADLS-



ଓଡ଼ିଶା ସରକାର

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
୨୭ ଫେବୃଆରୀ, ୨୦୨୪

ସକାଳ ଘ. ୮. ୩୦ ମିନିଟ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା — ଜୟଦେବ ଭବନ

ମୁଖ୍ୟ ଅତିଥି : – **ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,** ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ, ଓଡ଼ିଶା

ବିଶିଷ୍ଟ ଅତିଥି : – **ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ,** ମାନ୍ୟବର ବିଧାୟକ, ସତ୍ୟବାଦୀ

ସମ୍ମାନନୀୟ ଅତିଥି: – **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– **କସ୍ତୁରୀ ମହାପାତ୍ର,** ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – **ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର,** ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତି ଗବେଷକ

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ "ଏକ ସୁଖଦ ଅନୁଭୂତି" ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0488/2324



ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସଂଗ୍ରାମ


@ ଆଶିଷ


@ ସତ୍ୟନାରାୟଣ


@ ବିଭୂତିଭୂଷଣ


@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବୋଲଗଡ଼କୁ ଏନ୍‌ଏସି ଘୋଷଣା ପାଇଁ ଦାବିପତ୍ର

**ବୋଲଗଡ଼,୨୬।୨(ଦେବବ୍ରତ ହୋତା):** ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଶନିବାର ନୂତନଭାବେ ଘୋଷଣା ହୋଇଥିବା ଏନ୍‌ଏସି ତାଲିକାରେ ବୋଲଗଡ଼ର ନାମ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରି ନିଷ୍ପତ୍ତି ପରିବର୍ତ୍ତନ ଉଦ୍ଦେଶ୍ୟରେ ବୋଲଗଡ଼ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ପ୍ରସ୍ତୁତି ହୋଇଛି। ବୋଲଗଡ଼ର ବରିଷ୍ଠ ନାଗରିକ କୃଷ୍ଣ ମୋହନ ପାଲଟାସିଂହ, ଅକ୍ଷୟ ପଟ୍ଟନାୟକ, ରବୀନ୍ଦ୍ର ପରିଡ଼ା ଓ ଉପଦେଷ୍ଟା ମଣ୍ଡଳୀଙ୍କ ଆବାହକତ୍ୱରେ ସଭାପତିଭାବେ ଗୋପୀନାଥ ଖାଡଙ୍ଗା, ଉପସଭାପତି ଭାବେ ରଘୁନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ରଘୁନାଥ ଦଳବେହେରା, ସହସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ସଂସାରୀ ସାହୁଙ୍କ ସମେତ କ୍ରିୟାନୁଷ୍ଠାନ କମିଟି ସଭ୍ୟସଭ୍ୟାମାନେ ମନୋନୀତ ହୋଇଥିବା ବେଳେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବେ। ଅନ୍ୟପଟେ ସୋମବାର ଜିଲାପାଳ ଚଞ୍ଚଳ ରାଣା ଆମ ହସ୍ପିଟାଲ ଲୋକାର୍ପଣ ପାଇଁ ବୋଲଗଡ଼ ଆସିଥିବା ବେଳେ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୋଲଗଡ଼ ବାସିନ୍ଦାଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଏହି ନିଷ୍ପତ୍ତିର ପୁନର୍ବିଚାର କରି ବୋଲଗଡ଼ର ନାମକୁ ଏନ୍‌ଏସି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ନିବେଦନ କରିଛନ୍ତି।

# ଲୁହା ସାମଗ୍ରୀ ଚୋରି: ବିଟେକ୍ ଛାତ୍ରଙ୍କ ସମେତ ୨ ଗିରଫ

**ଝାଁଳା,୨୬।୨(ବୁଲା ବାରିକ):** ଏକ ନିର୍ମାଣାଧୀନ ଘରୁ ଲୁହାସାମଗ୍ରୀ ଚୋରି କରିବା ଅଭିଯୋଗରେ ସୋମବାର ଇନ୍‌ଫୋସିଟି ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଇଶ୍ୱରପୁରର ଅରୁନଭ ସାମଲ ଓ ଚୋରି ସାମଗ୍ରୀ କିଣିଥିବା ଇନ୍‌ଫୋସିଟି ଥାନା ଅଧୀନ ଝାଁଳାରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ର କୁଳମଣି ଦାସ। ଏମାନଙ୍କଠାରୁ ଲୁହା ସାମଗ୍ରୀ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ସୂଚନା ମୁତାବକ, ଗତ ଶନିବାର ରାତିରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏନ ନ୍ୟୁ କଲୋନୀରେ ଥିବା ଏକ ନିର୍ମାଣାଧୀନ କୋଠାରୁ କିଛି ଲୁହା ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଅଭିଯୋଗକାରୀ ସୟଦ ଇଶାକ ଅଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଯାଞ୍ଚ କରି ଦୁଇଜଣ ଯୁବକଙ୍କୁ ଚିହ୍ନଟ କରିଥିଲେ। ସୋମବାର ପୋଲିସ ବିଶେଷସୂତ୍ରରୁ ଖବରପାଇ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ଚୋରିରେ ସାମିଲ ଥିବା ଅରୁନଭ ଜଣେ ବିଟେକ୍ ଛାତ୍ର ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

# ହାଓଡା ଫ୍ରେଣ୍ଡ୍‌ସ କ୍ଲବ ସେମିରେ

**ବେଗୁନିଆ,୨୬।୨(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର କୋଲକାତାର ହାଓଡା ଫ୍ରେଣ୍ଡସ କ୍ଲବ ଓ ଚୌଦ୍ୱାର (କଟକ) ର ୱାଇଏଏଫ୍‌ସି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୬-୫ ଗୋଲରେ ହାଓଡା ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରସନ୍ନ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ବିଦେଶୀ ନାୟକ, ପ୍ରିୟବ୍ରତ ବାହିନୀପତି ଓ ପ୍ରଫୁଲ୍ଲ ବେହେରା ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ସୂର୍ଯ୍ୟମଣି ମାଝୀ ଏବଂ ଶିଶିର ରଞ୍ଜନ ଛୁଆଳସିଂହ, ଏସ୍. କେ ଜାଫର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମାକାନ୍ତ ପାତ୍ର ଓ ଫଏଜଲ ହୁସେନ ଖାଁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଆଥ୍‌ଲେଟିକ ଆସୋସିଏଶନର ଉପଦେଷ୍ଟା ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

DADLS-

ଓଡ଼ିଶା ସରକାର

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
୨୭ ଫେବୃଆରୀ, ୨୦୨୪

ସକାଳ ଘ. ୮. ୩୦ ମିନିଟ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – **ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,** ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ, ଓଡ଼ିଶା
ବିଶିଷ୍ଟ ଅତିଥି : – **ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ,** ମାନ୍ୟବର ବିଧାୟକ, ସତ୍ୟବାଦୀ
ସମ୍ମାନନୀୟ ଅତିଥି: – **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– **କସ୍ତୁରୀ ମହାପାତ୍ର,** ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : – **ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର,** ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତି ଗବେଷକ

**ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ "ଏକ ସୁଖଦ ଅନୁଭୂତି" ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0488/2324

DSPL - 731

ଆମ ଓଡ଼ିଶା ନବୀନ ଓଡ଼ିଶା | ନିରାମୟ

**ନିଃଶୁଳ୍କ ଔଷଧ ସେବା ସୁନିଶ୍ଚିତ କରୁଛି 'ନିରାମୟ' ଯୋଜନା**




- ୫୦୦ରୁ ଅଧିକ ପ୍ରକାର ଔଷଧ ବିନା ମୂଲ୍ୟରେ
- ସମସ୍ତ ସରକାରୀ ଚିକିତ୍ସାଳୟରେ ଔଷଧ ଉପଲବ୍ଧ
- ଉପକୃତ ହେଉଛନ୍ତି ଲକ୍ଷ ଲକ୍ଷ ଲୋକ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0478/2324

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଂଗ୍ରାମ



@ ଆଶିଷ



@ ସତ୍ୟନାରାୟଣ



@ ବିଭୂତିଭୂଷଣ



@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଏମାର ମଠରେ ଖନନ କାର୍ଯ୍ୟକୁ ନେଇ ବିବାଦ

## ଜିପିଆର୍‌ଏସ୍ ରିପୋର୍ଟ ସାର୍ବଜନୀନ ହୋଇନି

**ପୁରୀ,୨୬।୨(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାର ନିକଟସ୍ଥ ଐତିହ୍ୟପୂର୍ଣ୍ଣ ଏମାର ମଠ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ବିଗତ ଦିନରେ ଏମାର ମଠରୁ ରୁପା ଇଟା, ଦୁଇଟି ଐତିହ୍ୟ ସିଂହମୂର୍ତ୍ତି ଓ ଚଟାଣ ଠାବ ହୋଇଥିଲା। ଯାହା ଚର୍ଚ୍ଚାର ପରିସରକୁ ଆସିଥିଲା। ଏବେ ଜିପିଆର୍‌ଏସ୍ ରିପୋର୍ଟ ସାର୍ବଜନୀନ ବିନା ଏମାର ମଠ ପରିସରରେ ଖନନ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି।

ସୂଚନାଯୋଗ୍ୟ, ୨୦୨୧ରେ ଏମାର ମଠରୁ ଦୁଇଟି ସିଂହମୂର୍ତ୍ତି ଓ ଚଟାଣ ଠାବ ହେବା ପରେ ୪ଦିନ ଧରି ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ଶନ୍ କର୍ପୋରେଶନ (ଓବିସିସି) ଲିମିଟେଡ୍ ପକ୍ଷରୁ ପ୍ରାୟ ୬୦ହଜାର ବର୍ଗଫୁଟ ଅଞ୍ଚଳରେ ଜିପିଆରଏସ୍ କରାଯାଇଥିଲା। ମାତ୍ର ଏଯାଏଁ ସେହି ରିପୋର୍ଟକୁ ସାର୍ବଜନୀନ କରାଯାଇନାହିଁ। ଏପରି ସ୍ଥଳେ ପୁଣି ବଡ଼ ବଡ଼ ଗାତ ଖୋଳାଯାଇ ନୂତନ ନିର୍ମାଣ କରାଯିବା ଘଟଣା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅପରପକ୍ଷରେ ରାତିଅଧିଆ ଜେସିବି ଲଗାଇ ଗାତ ଖୋଳି ଏମାରମଠ ପରିସରରୁ ଗୁପ୍ତଧନକୁ ହରିଲୁଟ୍ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପ୍ରଶାସନ ପକ୍ଷରୁ ବିନା ନୋଟିସ୍‌ରେ ବେଆଇନ ଭାବେ ଖନନ କାର୍ଯ୍ୟ କରାଯାଉଛି। ଗତ ଦୁଇବର୍ଷ ତଳେ ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜିପିଆରଏସ୍ କରାଯାଇଥିଲା। ସର୍ଭେ ଦ୍ୱାରା ମାଟିତଳେ ଯାହାଥିବ ତାହା ଜଣାପଡ଼ିଥାଏ। ତେବେ ସର୍ଭେକୁ ଦୁଇବର୍ଷ ପୂରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ। ତେଣୁ କିଛି ରହସ୍ୟ ଥିବା ମନେହେଉଛି। ସେହିପରି ସ୍ଥାନୀୟ ବାସିନ୍ଦା ନାରାୟଣ ଦାସ କହିଛନ୍ତି, ଜିପିଆରଏସ୍ ସର୍ଭେ ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ। ଯାହା ମନେହେଉଛି, ମାଟିତଳେ ଅନେକ ମୂଲ୍ୟବାନ ପଦାର୍ଥ ରହିଛି। ସେସବୁକୁ ହରିଲୁଟ କରିବା ପାଇଁ ଚକ୍ରାନ୍ତ ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଲୋକଙ୍କ ଆଶଙ୍କା ଯଥାର୍ଥ। ତେଣୁ ନିର୍ମାଣ କାର୍ଯ୍ୟ ପୂର୍ବରୁ ସର୍ଭେ ରିପୋର୍ଟ ପ୍ରକାଶ କରିବା ଉଚିତ୍। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଅପରପକ୍ଷରେ ଓବିସିସି ସୁପରିଣ୍ଟେଣ୍ଡେଣ୍ଟ ଇଂ. ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ନିର୍ମାଣ ଜାଗାରେ ଶ୍ରୀଜଗନ୍ନାଥ ରିସେପଶନ୍ ସେଣ୍ଟର ଓ ରଘୁନନ୍ଦନ ଲାଇବ୍ରେରୀ ନିର୍ମାଣ କରାଯିବ। ଯାହା ମେଘନାଦ ପାଚେରୀଠାରୁ ୧୦୦ ମିଟର ଦୂରରେ କରାଯାଉଛି। ନିୟମ ଅନୁଯାୟୀ, ଦୁଇଟି ଯାକ ନିର୍ମାଣ ୭ ମିଟର ମଧ୍ୟରେ ରହିବ। ତେବେ ଜିପିଆରଏସ୍ ରିପୋର୍ଟରେ ସେଭଳି କୌଣସି ଗୁପ୍ତଧନ କିମ୍ବା ଐତିହ୍ୟ କୀର୍ତ୍ତିରାଜିର ଭଗ୍ନାବଶେଷ ମିଳି ନ ଥିବା ଓବିସିସି ତରଫରୁ ସ୍ପଷ୍ଟ କରାଯାଇଥିବାବେଳେ ମାତ୍ର ୬ଫୁଟ ଗାତ ଖୋଳାଯାଉଛି । ସେହିପରି ଶ୍ରୀମନ୍ଦିର ଚାରିପଟେ କରାଯାଇଥିବା ଜିପିଆରଏସ୍‌ରେ ମଧ୍ୟ ସେପରି କିଛି ମିଳିନାହିଁ ବୋଲି ପାଣିଗ୍ରାହୀ କହିଛନ୍ତି।

# ପୋଖରୀରେ ବୁଡ଼ି ଭଉଣୀ, ଭାଇ ମୃତ

**ଡେଲାଙ୍ଗ,୨୬।୨(ରଶ୍ମିରଞ୍ଜନ ପ୍ରଧାନ):** ଗୁଆଳିପଡ଼ା ପଞ୍ଚାୟତ ହୁମର ଗାଁରେ ପୋଖରୀରେ ବୁଡ଼ି ଭଉଣୀ, ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଶଙ୍କର ରାଉତଙ୍କ ପୁଅ ଶୁଭେନ୍ଦୁ ରାଉତ (୯) ଏବଂ ଝିଅ ଶୁଭଲକ୍ଷ୍ମୀ ରାଉତ (୭)। ଏନେଇ ଡେଲାଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁଭେନ୍ଦୁ ଏବଂ ଶୁଭଲକ୍ଷ୍ମୀ ଗାଧୋଇବାବେଳେ ବୁଡ଼ିଯାଇଥିଲେ। ପରେ ଅନ୍ୟ ଜଣେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଭଉଣୀ, ଭାଇ ବୁଡ଼ିଯାଇଥିବା ଜାଣି ସେମାନଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଜଣାଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଆରଆଇ ବିଭୁପ୍ରସାଦ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

ପୁରୀ,୨୬।୨(ଅଜିତ୍ ମହାନ୍ତି)–ପୁରୀ ବସ୍‌ଷ୍ଟାଣ୍ଡ ଆଉଟ୍ ଗେଟ୍ ନିକଟରେ ଜଣେ ବ୍ୟକ୍ତି ସାଇକେଲ ନେଇ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ହାଇୱା ଟ୍ରକ୍ (ନଂ.ଓଡି ୩୩ ଏଏଫ୍ ୨୮୮୨)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡ଼ିଯାଇ ଗାଡ଼ି ଚକା ତଳେ ଚାପିହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

DADLS-



ଓଡ଼ିଶା ସରକାର

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
୨୭ ଫେବୃଆରୀ, ୨୦୨୪

ସକାଳ ଘ. ୮. ୩୦ ମିନିଟ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – **ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,** ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ, ଓଡ଼ିଶା

ବିଶିଷ୍ଟ ଅତିଥି : – **ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ,** ମାନ୍ୟବର ବିଧାୟକ, ସତ୍ୟବାଦୀ

ସମ୍ମାନନୀୟ ଅତିଥି: – **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– **କସ୍ତୁରୀ ମହାପାତ୍ର,** ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – **ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର,** ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତି ଗବେଷକ

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ "ଏକ ସୁଖଦ ଅନୁଭୂତି" ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0488/2324



